ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 78/16-04-2021**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୧୬ ଅପ୍ରେଲ, ୨୦୨୧**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଛନ୍ତି ଯେ ମାସ୍କ ହିଁ ଆମକୁ କୋଭିଡ୍-୧୯ଠୁ ସୁରକ୍ଷିତ କରିବ । 'ନିଜର ତଥା ନିଜ ପ୍ରିୟଜନଙ୍କ ସୁରକ୍ଷା ପାଇଁ ଏଥିରେ ହେଳା କରନ୍ତୁ ନାହିଁ । କୋଭିଡ୍ ନିୟମ ମାନିବା ସହ ନିୟମିତ ମାସ୍କ ପିନ୍ଧି କରୋନାକୁ ଘରେ ପଶିବାକୁ ଦିଅନ୍ତୁ ନାହିଁ' ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି ।

- ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଚଳିତ ସପ୍ତାହରେ ଦୈନିକ ୩୦୦ରୁ ଊର୍ଦ୍ଧ୍ୱ କୋଭିଡ୍ ସଂକ୍ରମିତ ଚିହ୍ନଟ ହେଉଥିବା ପରିପ୍ରେକ୍ଷୀରେ ପରୀକ୍ଷଣ, ନିରୀକ୍ଷଣ ଏବଂ ପୃଥକବାସ ତ୍ୱରାନ୍ୱିତ କରିବା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି । ନିଃଶୁଳ୍କ ନଂ-୧୯୨୯ରେ କୋଭିଡ୍ ପରୀକ୍ଷଣ ସୂଚନା ସଂଗ୍ରହ କରିବା ପାଇଁ ନାଗରିକମାନଙ୍କୁ ଅନୁରୋଧ କରାଯାଇଛି ।

- ରାଜ୍ୟରେ କୋଭିଡ୍-୧୯ର ଦ୍ୱିତୀୟ ଲହରିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନୂତନ ମାର୍ଗଦର୍ଶିକା ଏବଂ ନିର୍ଦ୍ଦେଶାବଳି ଜାରି କରିଛନ୍ତି । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ଏହି ମର୍ମରେ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହାର ଏକ ନକଲ ସଂଲଗ୍ନ କରାଗଲା ।

- କୋଭିଡ୍-୧୯ର ଚିକିତ୍ସା ଓ ପ୍ରତିରୋଧ ପାଇଁ ବିଭିନ୍ନ ଆବଶ୍ୟକୀୟ ସାମଗ୍ରୀର ମହଜୁଦ ଓ କଳାବଜାରକୁ ରୋକିବା ନିମନ୍ତେ ରାଜ୍ୟ ସରକାର ଏକ ରାଜ୍ୟସ୍ତରୀୟ କମିଟି ଗଠନ କରିଛନ୍ତି । ଜିଲ୍ଲାସ୍ତରୀୟ କର୍ତ୍ତୃପକ୍ଷ ବିଭିନ୍ନ ଆବଶ୍ୟକୀୟ ମେଡିକାଲ ସାମଗ୍ରୀର ଉପଲବ୍ଧି ନେଇ ତଦାରଖ କରିବା ସହିତ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ । ସ୍ୱରାଷ୍ଟ୍ର ବିଭାଗ ତରଫରୁ ଉପରୋକ୍ତ ମର୍ମରେ ବିଜ୍ଞପ୍ତି ଜାରି କରାଯାଇଛି ।

## ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା

- ଗତକାଲି ମଧରାତ୍ରି ସୁଦ୍ଧା ଓଡ଼ିଶାରେ ୯୫,୨୮,୧୮୨ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୬୧, ୪୫୦ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ୩,୪୨, ୫୭୦ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୩୮ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୧୬,୮୮୯ ରହିଛି ।
- ୧୬,୮୮୯ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'